# ପିପିଲି ନୂଆଶାସନ ପାଟଣା ସାହି ମନ୍ଦିରରୁ ଚୋରି

**ପିପିଲି,୨୨।୩(ସମିସ):** ଶହଶହ ବର୍ଷର ପୁରୁଣା ମନ୍ଦିର ଉପରେ ଏବେ ଦୁର୍ବୃତ୍ତଙ୍କ ନଜର ପଡ଼ିଛି। ପିପିଲି ଥାନା ଅନ୍ତର୍ଗତ ନୂଆଶାସନ ପାଟଣାସାହିର ଶତାବ୍ଦୀ ପ୍ରାଚୀନ ରାଧାକୃଷ୍ଣ ମନ୍ଦିରରେ ଶନିବାର ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଚୋରି ହୋଇଯାଇଛି। ରାତିରେ ଦୁର୍ବୃତ୍ତମାନେ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଛନ୍ତି। କେବଳ ସେତିକି ନୁହେଁ, ଚୋରମାନେ ଭକ୍ତି ଓ ଆସ୍ଥାକୁ ମଧ୍ୟ ଅପମାନିତ କରିଛନ୍ତି। ଠାକୁରଙ୍କୁ ସିଂହାସନରୁ ତଳକୁ ଫିଙ୍ଗିଦେଇ ସେମାନେ ମନ୍ଦିରରେ ଥିବା ବିଭିନ୍ନ ସୁନା, ରୁପା ଅଳଙ୍କାର, ପିତ୍ତଳ ଜିନିଷ, ଘଣ୍ଟାଘଣ୍ଟି ଏବଂ ଠାକୁରଙ୍କ ମୁକୁଟ ସମେତ ଦାନ ବାକ୍ସକୁ ମଧ୍ୟ ଚୋରି କରି ନେଇଛନ୍ତି। ରବିବାର ସକାଳେ ଯେତେବେଳେ ମନ୍ଦିରର ପୂଜକ ଗୋବିନ୍ଦ ଚନ୍ଦ୍ର ଦାଶ ନିତ୍ୟକର୍ମ ପାଇଁ ମନ୍ଦିରରେ ପହଞ୍ଚିଥିଲେ, ସେତେବେଳେ ସେ ଦେଖିଲେ ଯେ ମନ୍ଦିରର ସମସ୍ତ ଜିନିଷ ବିଛାଡ଼ି ହୋଇ ପଡ଼ିଛି ଏବଂ ମୂଲ୍ୟବାନ ସାମଗ୍ରୀଗୁଡ଼ିକ ଗାଏବ ହୋଇଯାଇଛି। ଏହା ଦେଖି ସେ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଖବର ପାଇ ପିପିଲି ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ଏକ ବାଇକ୍‌ରେ ଆସି ଏହି କାଣ୍ଡ ଭିଆଇଥିବା କୁହାଯାଉଛି। ପୁଲିସ ଏବେ ବିଭିନ୍ନ ଦିଗରୁ ତଦନ୍ତ କରୁଛି ଏବଂ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଶା ଦେଇଛି। ଘଟଣାସ୍ଥଳରେ ସନ୍ଧାନୀ କୁକୁର ସହାୟତାରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ଏହି ମାମଲାରେ ଜଣକୁ ଅଟକ ରଖି ପଚରାଉଚରା ଜାରି ରଖିଛି।

# ଚୋରି ହୋଇଗଲା ଢଳେଇ ରାସ୍ତା !

ଗୋପ,୨୨।୩(ସମିସ)

ସରକାରୀ ବ୍ୟବସ୍ଥାର ବିକଳ ଚିତ୍ର ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଗୋପ ବ୍ଲକ୍‌ରେ। ଉଚ୍ଚପଦସ୍ଥ ଅଧିକାରୀଙ୍କ ଚିଠିରେ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଉପସ୍ଥିତିରେ ଢଳେଇ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଚିଠିରେ କାର୍ଯ୍ୟ ହୋଇ ନ ଥିବା ଦର୍ଶାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ସରିଥିବାନେଇ ଖୋଦ୍ ବିଡିଓ କହିଥିବାବେଳେ ଏହାର ୫ ମାସ ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉକ୍ତ କାର୍ଯ୍ୟ ହୋଇ ନ ଥିବା ସ୍ପଷ୍ଟ କରିଛନ୍ତି। ତେବେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଛି ନା ରାସ୍ତାଟି ଚୋରି ହୋଇଯାଇଛି ଏହାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଚ୍ଚପଦସ୍ଥ ଅଧିକାରୀ ସଠିକ୍ ତଥ୍ୟ ଦେଇଛନ୍ତି ନା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଠିକ୍ ତଥ୍ୟ ଦେଇଛନ୍ତି ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ସରକାରୀ ତଥ୍ୟରେ ତାଳମେଳ ରହୁ ନ ଥିବାବେଳେ ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

ସୂଚନା ମୁତାବକ, ଗୋପ ବ୍ଲକ୍ ଅଧୀନ ଛଇତନା ଗ୍ରାମ ପଞ୍ଚାୟତ ଦକ୍ଷିଣସାହିର ଜମ୍ବେଶ୍ୱର ପ୍ରଧାନଙ୍କ ଘରଠାରୁ କୁଞ୍ଜ ପଲେଇଙ୍କ ଘର ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣ ଲାଗି ୨୦୨୪-୨୫ ଆର୍ଥିକ ବର୍ଷରେ ୩ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ମାତ୍ର ଏହି କାର୍ଯ୍ୟ ହୋଇ ନ ଥିବା ନେଇ ଜନଶୁଣାଣି ଅଭିଯୋଗ ପୋର୍ଟାଲରେ ସୂଚନା ଅଧିକାର କର୍ମୀ ସନ୍ତୋଷ ମହାନ୍ତି ଅଭିଯୋଗ କରିଥିଲେ।

- କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଉପସ୍ଥିତିରେ ହୋଇଛି କାର୍ଯ୍ୟ: ବିଡିଓ
- ଢଳେଇ ରାସ୍ତା କାର୍ଯ୍ୟ ହୋଇନି: ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ
- ସୂଚନା ଅଧିକାର ତଥ୍ୟରେ ରହୁନି ତାଳମେଳ; ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି

ଏନେଇ ଗୋପ ବିଡିଓଙ୍କ ପତ୍ରସଂଖ୍ୟା ନଂ- ୫୨୭୯, ତା ୧୧.୧୦.୨୦୨୫ ରିଖରେ ଏହି କାର୍ଯ୍ୟ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଉପସ୍ଥିତିରେ ହୋଇଥିବା ଦର୍ଶାଯାଇଥିବାବେଳେ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ମଧ୍ୟ ବିଡିଓଙ୍କୁ ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଛି। ମାତ୍ର ସୂଚନା ଅଧିକାର କର୍ମୀ ଅନୁପ କୁମାର ପୃଷ୍ଟି ସୂଚନା ଅଧିକାର ମାଧ୍ୟମରେ କାର୍ଯ୍ୟର ସବିଶେଷ ବିବରଣୀ ସମ୍ପର୍କରେ ତଥ୍ୟ ମାଗିଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପତ୍ର ସଂଖ୍ୟା ନଂ୧/୨୦୨୫-୨୬, ତା୧୦.୩.୨୦୨୬ରିଖରେ ଏହି ଢଳେଇ ରାସ୍ତା କାର୍ଯ୍ୟ ହୋଇ ନ ଥିବା ଦର୍ଶାଇଛନ୍ତି। ବିଡିଓ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ତଥ୍ୟରେ ତାଳମେଳ ରହୁ ନ ଥିବାବେଳେ ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି। ଏହା ଉପରେ ବିଧିବଦ୍ଧ ତଦନ୍ତ କରିବା ସହ ଦୋଷୀ ସରକାରୀ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଗୋପ ବିଡିଓ ଦାୟିତ୍ୱରେ ଥିବା ସୂର୍ଯ୍ୟ ଶଙ୍କର ଦାଶଙ୍କୁ ପଚାରିବାରେ ଏହା ମୋ ସମୟର କାର୍ଯ୍ୟ ନୁହେଁ। ତଥାପି କ'ଣ ହୋଇଛି ଦେଖିବା ବୋଲି କହିଛନ୍ତି।

# ବଡ଼ଗୋଠ ରାସ୍ତା ଓ ଗୋଦାମ ଗୃହର ଶିଳାନ୍ୟାସ

**କଣାସ,୨୨।୩(ସମିସ):** କଣାସ ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ଗୋପୀନାଥପୁରଠାରେ ପୁରୀ ସାଂସଦ ସମ୍ବିତ୍ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଦୁଇଟି କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଗୋପୀନାଥପୁର ସମବାୟ ସମିତି କାର୍ଯ୍ୟାଳୟ ଓ ଗୋଦାମ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

**କାଉଡ଼ିଆମାନଙ୍କ ପାଇଁ ହେବ ତୁଠ ଓ ପୂଜା ମଣ୍ଡପ**

କରିବା ସହ ଗୋପୀନାଥପୁରଠାରୁ ବଡ଼ଗୋଠ ପର୍ଯ୍ୟନ୍ତ ୩ କି.ମି. ରାସ୍ତା ଉନ୍ନତୀକରଣର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବଡ଼ଗୋଠ ପର୍ଯ୍ୟନ୍ତ ରାସ୍ତା ନିମନ୍ତେ ୨ କୋଟି ଟଙ୍କା ଓ ବଡ଼ଗୋଠ ତ୍ରିବେଣୀ ଘାଟରେ ତୁଠ ଓ ପୂଜା ମଣ୍ଡପ ପାଇଁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ବିଧାୟକ ପ୍ରକାଶ କରିଛନ୍ତି। ବଡ଼ଗୋଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରାଇଥିବା ପ୍ରକାଶ କରିଛନ୍ତି। ସୂଚନା ଥାଉକି, ପ୍ରତିବର୍ଷ ଶ୍ରାବଣ ମାସରେ ପୁରୀ, ଖୋର୍ଦ୍ଧା, ନୟାଗଡ଼ ପ୍ରଭୃତି ସ୍ଥାନରୁ ହଜାର ହଜାର କାଉଡ଼ିଆ ଏହି ତ୍ରିବେଣୀ ଘାଟରୁ ଜଳ ଭାର ଉଠାଇବାବେଳେ ତୁଠ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜଳ ସମ୍ପଦ ବିଭାଗର ଏସ୍‌ସି ସୌରଭ କୁମାର ସାହୁ, ଏସ୍‌ଡିଓ ପାକିଜା ହୁସେନ, ସହକାରୀ ଯନ୍ତ୍ରୀ ସନତ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦ୍ଦେବ, ଆମ୍ବା ଅଧକ୍ଷ ରାମ ଚନ୍ଦ୍ର ବେହେରା, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ସାହୁପଡ଼ା ସରପଞ୍ଚ ଭିକାରୀ ବଳିୟାରସିଂହ, ଗଡ଼ିଶାଗୋଡା ସରପଞ୍ଚ ମଧୁସୂଦନ ସାହୁ, ବନମାଳୀ ରାଉତ, ଧବଳେଶ୍ୱର ନାୟକ, ଅଜୟ ପ୍ରଧାନ, ପଦ୍ମନାଭ ବେହେରା, ସୁଶାନ୍ତ ମହାରଥୀ, ଶିଶିର ହରିଚନ୍ଦନ, ରାଜକିଶୋର ସାମନ୍ତରାୟଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଖୁଣ୍ଟକୁ ପିଟିଲା ଅଟୋ; ୩ ଗୁରୁତର

**ବ୍ରହ୍ମଗିରି,୨୨।୩(ସମିସ):** ରବିବାର ସକାଳ ସମୟରେ ଏକ ଯାତ୍ରୀବାହୀ ଅଟୋ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହେବା ଫଳରେ ଡ୍ରାଇଭର ସମେତ ୩ ଜଣ ଗୁରୁତର ହୋଇଛନ୍ତି। ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶ ଯେ, ବ୍ରହ୍ମଗିରି-ପୁରୀ ସାତପଡ଼ା ୩୧୬ ନମ୍ବର ଜାତୀୟ ରାଜପଥ ସୁନାମୁହିଁ ଛକ କୃଷକ ବିଦ୍ୟାପୀଠ ଆଗରେ ଭାରସାମ୍ୟ ହରାଇ ଏକ ଯାତ୍ରୀବାହୀ ଅଟୋ ବିଦ୍ୟୁତ୍ ଖୁଣ୍ଟକୁ ପିଟି ହୋଇ ଯାଇଥିଲା। ସେହି ଅଟୋଟି ବ୍ରହ୍ମଗିରିରୁ କିଛି ପାସେଞ୍ଜର ନେଇ ସାତପଡ଼ା ଆଭିମୁଖେ ଯାଉଥିଲା। ଡ୍ରାଇଭର ସହିତ ତିନି ଜଣ ସଙ୍କଟାପନ୍ନ ଅବସ୍ଥାରେ ଗାଡ଼ି ଭିତରୁ ଉଦ୍ଧାର କରାଯାଇଥିଲା। ସେମାନେ ହେଲେ ସୁଶାନ୍ତ ପଲାଇ (୪୬), ଗଉଡ଼କେରା ସୁଧୀର ଜେନା(୫୪), ଗୋପୀନାଥପୁରର ଶ୍ରୀଧର ବେହେରା (୬୨) ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ବ୍ରହ୍ମଗିରି ପୁଲିସ ପହଞ୍ଚି ଦୁର୍ଘଟଣା ଘଟିଥିବା ଅଟୋକୁ ଜବତ କରିଛି।

# ନାଟକ 'ଅସତୀ ତୁଳସୀ ସତୀ ଚଉରା' ମଞ୍ଚସ୍ଥ




**ସାକ୍ଷୀଗୋପାଳ,୨୨।୩(ସମିସ):** କଳା ଓ ସଂସ୍କୃତିର ମାଟି ସତ୍ୟବାଦୀ। ଚିତ୍ରକଳା, ହସ୍ତକଳା ତଥା ଅଭିନୟ କଳା କ୍ଷେତ୍ରରେ ଏ ମାଟି ସଦାନମସ୍ୟ। ଅଞ୍ଚଳର ବିଭିନ୍ନ ପୁରପଲ୍ଲୀରେ ଏବେ ବି ବଞ୍ଚିରହିଛି ନାଟକ ପରିବେଷଣ ପରମ୍ପରା। ଆଦ୍ୟ ଶାସନ ବୀର ରାମଚନ୍ଦ୍ରପୁର ଗ୍ରାମର ଧବଳେଶ୍ୱର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଗ୍ରାମର ତୃତୀୟ ଖଣ୍ଡି ବିଦ୍ୟାଳୟ ପଡ଼ିଆରେ ମଞ୍ଚସ୍ଥ ହୋଇଥିଲା ଦେବରାଜ ରଥଙ୍କ ନିର୍ଦ୍ଦେଶିତ ସାମାଜିକ ନାଟକ "ଅସତୀ ତୁଳସୀ ସତୀ ଚଉରା'। ଏହି ଅବସରରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ, ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ଲକ୍ ଅଧକ୍ଷ ସୁନୀଲ କୁମାର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ସଭାରେ ଅଧକ୍ଷତା କରିଥିଲେ ଅନୁଷ୍ଠାନର ସଭାପତି ଅଶ୍ୱିନୀ ମହାପାତ୍ର, ବିବରଣୀ ପାଠ କରିଥିଲେ ସମ୍ପାଦକ ସବୁଜ ମିଶ୍ର ଏବଂ ଧନ୍ୟବାଦ ଦେଇଥିଲେ ପ୍ରକାଶ ତ୍ରିପାଠୀ। ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ ସଂଗ୍ରାମ କେଶରୀ ମିଶ୍ର।

# ସନ୍ଦେହଜନକ ଅବସ୍ଥାରେ ଝୁଲନ୍ତା ମୃତଦେହ ଉଦ୍ଧାର

**ଅସ୍ତରଙ୍ଗ,୨୨।୩(ସମିସ):** ରବିବାର ଭୋର୍ ସମୟରେ କାକଟପୁର ଥାନା ଅନ୍ତର୍ଗତ ଜିଉଁନ୍ତି ଖଣ୍ଡାସାହି ରାସ୍ତାର ଏକ ନିର୍ଜନ ସ୍ଥାନରେ ଏକ ଗଛରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଘଟଣା ପ୍ରଘଟ ହେବାରୁ ଅସ୍ତରଙ୍ଗ ମାଛ ବ୍ୟବସାୟୀମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଅସ୍ତରଙ୍ଗ ପୁଲିସକୁ ଖବର ଦେବା ପରେ ଶବ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ସୂଚନା ମୁତାବକ, ଉକ୍ତ ବ୍ୟକ୍ତି ଜଣକ ଜଣେ ମାଛ ବ୍ୟବସାୟୀ। ତାଙ୍କ ଧର୍ମପତ୍ନୀ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ଏକମାତ୍ର ପୁଅ ଭୁବନେଶ୍ୱରରେ ପାଠ ପଢୁଛନ୍ତି। ଘରେ ମାଆ ଦୃଷ୍ଟିବାଧିତ ଏବଂ ଜଣେ ସାନ ଭାଇ ମାନସିକ ବିକାରଗ୍ରସ୍ତ। ତେବେ ପାରିବାରିକ ଅଶାନ୍ତି ପାଇଁ ଯଦି ସେ ଏଭଳି ପଦକ୍ଷେପ ନେଇଥିଲେ, ତେବେ ଘରେ ନେଇପାରିଥାନ୍ତେ। ମାତ୍ର ଘରଠୁ ୪ କିଲୋମିଟର ଦୂରରେ ନିର୍ଜନ ସ୍ଥାନରେ କାହିଁକି ଏଭଳି ପଦକ୍ଷେପ ନେଲେ, ତା' ଉପରେ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ପରିବାର ଲୋକଙ୍କ ଅନୁପସ୍ଥିତିରେ ପୁଲିସକୁ ସୂଚନା ନ ଦେଇ ଅନ୍ୟ ଲୋକେ କାହିଁକି ତାଙ୍କୁ ଝୁଲନ୍ତା ଅବସ୍ଥାରୁ ଖୋଲିଲେ। ଏହାକୁ ନେଇ ଅସ୍ତରଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାଟି କାକଟପୁର ଥାନା ଅଞ୍ଚଳରେ ଘଟିଥିବାରୁ ମୃତକଙ୍କ ପୁଅ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ କାକଟପୁର ପୁଲିସ ପକ୍ଷରୁ ୪/୨୬ରେ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରିବାକୁ ପଠାଯାଇଛି ବୋଲି କାକଟପୁର ଥାନା ପକ୍ଷରୁ ସୂଚନା ମିଳିଛି।

# ଗୋପ ଲୋକ ଉତ୍ସବର ପଞ୍ଚମ ସନ୍ଧ୍ୟା

**ଗୋପ,୨୨।୩(ସମିସ):** ରବିବାର ଗୋପ ଲୋକ ଉତ୍ସବର ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଗୋପ ସାଗରସ୍ନାନ ମେଳଣ କମିଟି ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଉତ୍ସବର ପଞ୍ଚମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିବା ସହ ବିକଶିତ ଓଡ଼ିଶା ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଆଇନଜୀବୀ ସୁଧୀର ମହାନ୍ତି, ନାଟ୍ୟକାର ବିଜୟ ମହାନ୍ତି, ଆଇନଜୀବୀ ରଣଜିତ ସାହୁ ପ୍ରମୁଖ ଯୋଗଦେଇ ଗୋପ ଲୋକ ଉତ୍ସବ କମିଟିର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଗୋପ ବ୍ଲକ୍ ମହିଳା ସଂଗଠନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ କରାଯାଇଥିଲା ଏବଂ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାକୁ ପରିଚାଳନା କରୁଥିଲେ ଗୋପ ବ୍ଲକ୍ ମହିଳା ଶକ୍ତି ସଂଗଠନର ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଆଧାତ୍ମିକ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକମାନଙ୍କ ମନକୁ ଛୁଇଁପାରିଥିଲା। ଏହି କାର୍ଯ୍ୟକ୍ରମକୁ ଗୋପ ଲୋକ ଉତ୍ସବ ପରିଷଦର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ଜଟାଧାରୀ ବେହେରା, ବିଭୁତି ପଟ୍ଟନାୟକ, ବସନ୍ତ ସେନାପତି, ଅଭିମନ୍ୟୁ କାଣ୍ଡି, ପ୍ରମୋଦ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ରମାକାନ୍ତ ସାହୁ, ବିଶ୍ୱରଞ୍ଜନ ମୁଖୀ, ଲକ୍ଷ୍ମୀଧର ସେନାପତି ପ୍ରମୁଖ ପରିଚାଳନା କରିଥିଲେ।

# ନରସିଂହପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଗମ୍ଭାରୀପଦା,୨୧।୩(ସମିସ):** କାକଟପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧୂମପାନ ଗ୍ରାମ ପଞ୍ଚାୟତର ନରସିଂହପୁର ୟୁଜିଏମ୍‌ଇ ସ୍କୁଲର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ନିରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପ୍ରାକ୍ତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଭାବେ ମା' ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଭ୍ୟା ସାଗରିକା ନାୟକ, ଧୂମାଳ ସରପଞ୍ଚ ମୋନାଲିସା ସିଂ, ସମିତିସଭ୍ୟା ଭାନୁମତୀ ମାଣିକ, ଅତିରିକ୍ତ ଶିକ୍ଷାଧିକାରୀ ସମ୍ରାଟ ଭଞ୍ଜ ଭୋଇ, ସ୍କୁଲ ପରିଚାଳନା କମିଟିର ସଭାପତି କାହ୍ନୁଚରଣ ନାୟକ, ଶିକ୍ଷକ ସମନ୍ୱୟ କମିଟିର ସଭାପତି ଅଜୟ କୁମାର ରଥ, ସମ୍ପାଦକ ସରୋଜ କୁମାର ମିଶ୍ର, ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ସ୍ୱାଇଁ, ସମାଜସେବୀ ଅଭିମନ୍ୟୁ ସିଂ, ଶିବଦତ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ସିଆର୍‌ସିସି ସୁଚରିତା ପାତ୍ର ଓ ଲଲାଟେନ୍ଦୁ ବେହେରା ମଞ୍ଚ ପରିଚାଳନା କରିଥିଲେ। ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରାକ୍ତନ ଶିକ୍ଷକ ଭ୍ରମରବର ସାହୁ, ପୁରାତନ ଛାତ୍ର ଛବିନ୍ଦ୍ର ପାତ୍ର, ବିଚିତ୍ରାନନ୍ଦ ପାତ୍ରଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ କ୍ଷେତ୍ରମୋହନ ଦାଶ, ରଶ୍ମିରଞ୍ଜନ ସାହୁ, ଜ୍ଞାନରଞ୍ଜନ ବିଶ୍ୱାଳଙ୍କୁ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭାବେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବିଭାଗରେ କୃତିତ୍ୱ ପାଇଁ ମାନପତ୍ର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଡେଲାଙ୍ଗ ଷ୍ଟେସନରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ସାକ୍ଷୀଗୋପାଳ,୨୨।୩(ସମିସ):** ଗତ ୨୦ ତାରିଖ ସକାଳେ ଡେଲାଙ୍ଗ ରେଳ ଷ୍ଟେସନ ପ୍ଲାଟ୍‌ଫର୍ମ ନମ୍ବର ୧ରେ ଯାତ୍ରୀ ବିଶ୍ରାମ ନିମନ୍ତେ ଥିବା ଏକ ଚୌକିରେ ଜଣେ ଯୁବକ ସଂଜ୍ଞାହୀନ ଅବସ୍ଥାରେ ପଡ଼ିରହିଥିଲେ। ଡେଲାଙ୍ଗ ଷ୍ଟେସନ ମାଷ୍ଟର ଉକ୍ତ ଯୁବକଙ୍କ ବିଷୟରେ ସାକ୍ଷୀଗୋପାଳ ରେଳବାଇ ପୁଲିସକୁ ଜଣାଇଥିଲେ। ତୁରନ୍ତ ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରି ହାଟ ଡେଲାଙ୍ଗରେ ଥିବା ଏକ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଙ୍କ ବୟସ ଅନ୍ୟୁନ ୩୫ ବର୍ଷ ଏବଂ ଉଚ୍ଚତା ୫ ଫୁଟ୍ ୬ ଇଞ୍ଚ୍ ହେବ। ଗୋରା ରଙ୍ଗ ପତଳା ଶରୀର। ଖାଲି ଦେହରେ ଥିବାବେଳେ ସର୍ଫ ରଙ୍ଗର ଏକ ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଥିଲା। ଯୁବକଙ୍କ କୌଣସି ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ପରିଚୟ ଚିହ୍ନଟ ପାଇଁ ପୁରୀ ମେଡିକାଲରେ ଶବକୁ ସଂରକ୍ଷିତ କରି ରଖାଯାଇଛି। ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଛି ବୋଲି ସତ୍ୟବାଦୀ ରେଳବାଇ ପୁଲିସ ଅଧିକାରୀ ସୁଧାକର ଭୋଇ ସୂଚନା ଦେଇଛନ୍ତି।

# ଧର୍ମେନ୍ଦ୍ର ସାହୁ ମେମୋରିଆଲ ଟ୍ରଫି: ତମାଣ୍ଡୋ ଚାମ୍ପିଅନ

**ଗୋପ,୨୨।୩(ସମିସ):** ଗୋପ ଆଥ୍‌ଲେଟିକ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ସର୍ବଭାରତୀୟ ତୃତୀୟ ବାର୍ଷିକ ଫାଇନାଲ ମ୍ୟାଚ୍ ଏଲ୍‌ଆର୍‌ଏସ୍ କୋଲକାତା ଓ ତମାଣ୍ଡୋ କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତମାଣ୍ଡୋ ଚାମ୍ପିଅନ ହୋଇଛି। ପ୍ରଥମେ ତମାଣ୍ଡୋ କ୍ରିକେଟ୍ କ୍ଲବ୍ ବ୍ୟାଟିଂ କରି ସମସ୍ତ ୱିକେଟ୍ ହରାଇ ୨୫୪ ରନ୍ କରିଥିଲା। ଦଳ ତରଫରୁ କ୍ଷମାସାଗର ବଳ ୫୫ ରନ୍ କରିଥିଲେ। କୋଲକାତା ଦଳ ଆବଶ୍ୟକୀୟ ରନ୍ କରି ନ ପାରି ପରାସ୍ତ ହୋଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବରେ କ୍ଷମା ସାଗରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଖେଳକୁ ଅମ୍ପାୟାର ପ୍ରମୋଦ ସିହ୍ନା ଓ ଦେବରାଜ ମିଶ୍ର ପରିଚାଳନା କରିବା ସହିତ ଧାରା ବିବରଣୀ ମନୋଜ ପାତ୍ର, ପ୍ରଶାନ୍ତ, ଗଞ୍ଜନା କର ଦେଇଥିଲେ। ମୁଖ୍ୟ ଅତିଥି ଭାବେ କସ୍ତୁରୀବାଳା ସ୍ୱାଇଁ ଚାମ୍ପିଅନ୍ ଦଳକୁ ଟ୍ରଫି ସହ ନଗଦ ୭୦ ହଜାର ଟଙ୍କା ଏବଂ କିଆ ମୋଟର୍ସ ତରଫରୁ ରନର୍ସ ଅପ୍ ଦଳକୁ ୫୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହି ଉଦ୍‌ଯାପନୀ ମ୍ୟାଚ୍‌ରେ ଗୋପ ବ୍ଲକ୍ ଅଧକ୍ଷା ଝୁନୁ ମଲ୍ଲିକ୍, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଜୟଦେବ ମହାପାତ୍ର ଉପସ୍ଥିତ ଥିଲେ। ଖେଳକୁ ସଭାପତି କାମାକ୍ଷା ଦଳବେହେରା, ଶୁଭେନ୍ଦୁ ପୃଷ୍ଟି, ବାପୁନ୍ ସେନାପତି, ଚିନ୍ମୟ ସ୍ୱାଇଁ, ଗଣେଶ ଦାସ, ସୁଧାଂଶୁ ସେନାପତି, ଡନ୍, ବିଜା, ସିଲା, ହାଡୁ, ଲେଙ୍କା, ବିଶ୍ୱାଳ, ସୁମୋ, ସୁବାସ, ସନ୍ତୁ, ମିଲୁ, ଗୁଞ୍ଜି ପ୍ରମୁଖ ପରିଚାଳନା କରିଥିଲେ।

# ଶ୍ରୀସତ୍ୟନାରାୟଣ ଦେବ ସାହିତ୍ୟ ସମାରୋହର ବାର୍ଷିକ ଉତ୍ସବ

**ଡେଲାଙ୍ଗ,୨୨।୩(ସମିସ):** ଡେଲାଙ୍ଗ ବ୍ଲକ୍ ଗଡ଼ମୋଟରି ପାଲା ମଣ୍ଡପ ପରିସରରେ ରବିବାର ଶ୍ରୀଶ୍ରୀ ସତ୍ୟନାରାୟଣ ଦେବ ସାହିତ୍ୟ ସମାରୋହର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ହରିଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ, ପ୍ରିୟପତ୍ର ପତ୍ରିକାର ସମ୍ପାଦକ ବିପିନ ଦଳେଇ, କବି ବିପିନ ମହାନ୍ତି, ଗୀତିକାର ସୁଧାଂଶୁବାଳା ସାହୁ, ଗୋଲଖ ବେହେରା, ଆଇନଜୀବୀ ବିକ୍ରମ ଚମ୍ପତି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଚନ୍ଦ୍ରଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କବି ହରିହର ବଳବନ୍ତରାୟଙ୍କ କବିତା "ନିଶାନ୍ତର ନିରବତା' ଉନ୍ମୋଚନ କରିଥିଲେ। ସେହିପରି ଅନୁଷ୍ଠାନର ମୁଖପତ୍ର କବିଙ୍କ ମନକଥା ଲୋକାର୍ପଣ ହୋଇଥିଲା। କବୟିତ୍ରୀ ସୌଦାମିନୀ ବେହେରାଙ୍କ ସଂଯୋଜନାରେ ପ୍ରାୟ ୧୦୦ କବି ସ୍ୱରଚିତ କବିତାପାଠ କରିଥିଲେ। ରୋହିତ କୁମାର ଚମ୍ପତିଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅବହେଳିତ ଅବସ୍ଥାରେ ଚୌରାସୀର ଲଳିତ ମାଧବ ମନ୍ଦିର



ଚାରିଛକ,୨୨।୩(ସମିସ)

ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକ ନିକଟସ୍ଥ ତୁଳସୀପୁର ଗ୍ରାମପଞ୍ଚାୟତର ଚୌରାସୀ ଗ୍ରାମରେ ଅବସ୍ଥିତ ଲଳିତ ମାଧବ ମନ୍ଦିରଟି ଅବହେଳିତ ଅବସ୍ଥାରେ ରହିଛି। ଭୁବନେଶ୍ୱର-କାକଟପୁର ମୁଖ୍ୟ ରାସ୍ତାର ଅମରେଶ୍ୱର ଛକଠାରୁ ୨ କି.ମି. ଗଲେ ପଡ଼େ ଚୌରାସୀର ଲଳିତ ମାଧବ ମନ୍ଦିର। ପ୍ରାଚୀ ନଦୀ ଅବବାହିକାରେ ଅବସ୍ଥିତ ଏହି ମନ୍ଦିରରେ ଥିବା ମୂର୍ତ୍ତିଟି ୧୦ମ ଶତାବ୍ଦୀର ହୋଇଥିବାବେଳେ ମୂର୍ତ୍ତିଟି ଏକ କଳାମୁଗୁନି ପଥରରେ ପ୍ରାୟ ୪ ଫୁଟ୍ ଲମ୍ବା ଓ ୨ ଫୁଟ୍ ଓସାରରେ ନିର୍ମିତ ହୋଇଥିବା ଦେଖିବାକୁ ମିଳିଛି। ଏହି ବଟ ବୃକ୍ଷ ମୂଳରେ ଅବସ୍ଥିତ ପୁରାତନ ମୂର୍ତ୍ତି ଓ ପ୍ରାଚୀନ ଭଗ୍ନ ଶିଳା ଖଣ୍ଡମାନ ଏଠାରେ ଥିବା ଦେଖିବାକୁ ମିଳୁଛି। ଏହି ମନ୍ଦିରଟି ନିକଟସ୍ଥ ବରାହୀ ମନ୍ଦିରର ସମସାମୟିକ ବୋଲି କଥିତ ଅଛି। ଠାକୁରଙ୍କ ନୀତିକାନ୍ତି ପାଇଁ ଠାକୁରଙ୍କ ନାମରେ କିଛି ଜମି ମଧ୍ୟ ରହିଛି। ମାତ୍ର ଦୁଃଖ ଓ ପରିତାପର ବିଷୟ ଉକ୍ତ ମନ୍ଦିରକୁ ଶ୍ରଦ୍ଧାଳୁମାନଙ୍କ ଯାତାୟାତ ପାଇଁ ଭଲ ରାସ୍ତାଟିଏ ନ ଥିବା ଦେଖିବାକୁ ମିଳିଛି। ସେହିପରି ପାନୀୟଜଳର ସୁବିଧା ନ ଥିବାବେଳେ ଭକ୍ତମାନେ ବିଶ୍ରାମ କରିବାକୁ ଭଲ ଘରଟିଏ ମଧ୍ୟ ନାହିଁ। ମୂଳ ମନ୍ଦିର କାଳକ୍ରମେ ଭାଙ୍ଗିଯାଇଥିବାବେଳେ ଗ୍ରାମବାସୀଙ୍କ ଉଦ୍ୟମରେ ଏକ ଛୋଟ ଛାତ ତଳେ ପୂଜା ପାଉଛନ୍ତି ଠାକୁର। ଭକ୍ତମାନେ ଏହି ଠାକୁରଙ୍କ ପାଖରେ ମାନସିକ ରଖିଲେ ବହୁ ଦୂରାସାଧ ରୋଗରୁ ମୁକ୍ତି ମିଳିଥାଏ ବୋଲି ମୁଖ୍ୟ ପୂଜକ ଗଙ୍ଗାଧର ପାଣି ପ୍ରକାଶ କରିଛନ୍ତି। ଏହି ଐତିହାସିକ ପୀଠର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଗବେଷଣା କରାଗଲେ ଏହି ସ୍ଥାନର ନୂତନ ତଥ୍ୟ ମିଳିପାରିବ ବୋଲି ଗ୍ରାମର ପୁରୁଖା ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ତୁରନ୍ତ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି।






## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**ଶରଣକୁଳ,୨୨।୩(ସମିସ):** ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଓ ପୁରସ୍କାର ବିତରଣ ଉତ୍ସବ ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ତ୍ରିନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ବହି ଆମର ବନ୍ଧୁ, ଶିକ୍ଷା ସମାଜକୁ ସମୃଦ୍ଧ କରିବା ସହ ଶିଶୁର ଅନ୍ତର୍ନିହିତ ପ୍ରତିଭାର ବିକାଶରେ ସହଭାଗୀ ହୋଇଥାଏ, ଉତ୍ତମ ଶିକ୍ଷା ଶିଶୁକୁ ସଂସ୍କାରିତ କରିବା ସହିତ ଉତ୍ତମ ମାର୍ଗଦର୍ଶକ ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ସମାଜସେବୀ ଜ୍ୟୋତିର୍ମୟ ମହାନ୍ତି, ଲିଙ୍ଗରାଜ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଗୋଦାବରୀ ବସନ୍ତିଆ ଅତିଥି ପରିଚୟ ପ୍ରଦାନ ଏବଂ ସମ୍ପାଦକ ରାମପ୍ରସାଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ତଥା ବାର୍ଷିକ ଉତ୍ସବ ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଓ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଗୁରୁମା ରଶ୍ମିତା ପାଢ଼ୀଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁଜୀ ପ୍ରବୀର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଶେଷ ପର୍ଯ୍ୟାୟରେ ବାଇପାସ ନିର୍ମାଣ

# ବଦଳିବ ନୟାଗଡ଼ ସହରର ଭୌଗୋଳିକ ଚିତ୍ର

**ନୟାଗଡ଼,୨୨।୩(ସମିସ)**

ନୟାଗଡ଼ ବାଇପାସ ନୟାଗଡ଼ବାସୀଙ୍କ ସ୍ୱପ୍ନ। କେବେ ଏହି ସ୍ୱପ୍ନ ସାକାର ହେବ ତାକୁ ଜିଲ୍ଲାବାସୀ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି। ନୟାଗଡ଼ ସହର ମଧ ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଏବଂ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ବାଇପାସ ନିର୍ମାଣ ପରିକଳ୍ପନା କରାଯାଇଥିଲା। ଦିନକୁ ଦିନ ଟ୍ରାଫିକ ସମସ୍ୟା ଉତ୍କଟ ପରିସ୍ଥିତି ସୃଷ୍ଟି କରିଛି। ଭାରୀଯାନ ଚଳାଚଳ ଯୋଗୁଁ ସହର ମଧରେ ଅନେକ ଦୁର୍ଘଟଣାରେ ଜୀବନହାନି ଘଟି ଚାଲିଛି। ତେବେ ଏହି ସମସ୍ୟା ଖୁବଶୀଘ୍ର ସମାଧାନ ହେବ ବୋଲି ସୂଚନା ମିଳିଛି। ନୟାଗଡ଼ ବଡ଼ପଣ୍ଡୁସରଠାରୁ ମାଙ୍କପଲ୍ଲୀ ପର୍ଯ୍ୟନ୍ତ ୧୭ କିମି ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା ଫ୍ଲାଏଓଭର କାମ ଶେଷ ଅବସ୍ଥାରେ ରହିଛି। ପିଚୁ କାମ ପ୍ରାୟ ଶେଷ ହୋଇଥିବା ବେଳେ ଏବେ ଫିନିସିଂ କାର୍ଯ୍ୟ ହେଉଛି। ୨୧ଟି ଗ୍ରାମ ଦେଇ ନିର୍ମାଣ ହେଇଥିବା ଏହି ରାସ୍ତା ନୟାଗଡ଼ ସହରର ଭୌଗୋଳିକ ଚିତ୍ରକୁ ବଦଳାଇବ ବୋଲି ଆଶା କରାଯାଉଛି।

ବାଇପାସ ନିକଟସ୍ଥ ଅଞ୍ଚଳଗୁଡ଼ିକରେ ସହର ବୃଦ୍ଧି ପାଇବା ସହ ନୟାଗଡ଼ ବିକାଶରେ ଏହା ଭାଗୀଦାରି ହେବ ବୋଲି ଆଶା କରାଯାଉଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଉଦ୍ୟମ ଏବଂ ସଂଗ୍ରାମ ଫଳରେ ବାଇପାସ ନିର୍ମାଣ ହୋଇଥିବା ବେଳେ ନୟାଗଡ଼ବାସୀଙ୍କୁ ଏହାର ବେଶ୍ ସୁଫଳ ମିଳିବ। ଗ୍ରାମାଞ୍ଚଳ ରାସ୍ତାକୁ ବାଦ ଦେଲେ ମୁଖ୍ୟତଃ ମଜୁରିଆପଲ୍ଲୀ, ଦର୍ପନାରାୟଣପୁର ରାସ୍ତା, ପୂର୍ତ୍ତ ବିଭାଗ ରାସ୍ତା, ନୟାଗଡ଼-ଓଡ଼ଗାଁ ପୂର୍ତ୍ତ ବିଭାଗ ରାସ୍ତାକୁ ବାଇପାସ୍ ଅତିକ୍ରମ କରିବ। ଜାତୀୟ ରାଜପଥ ବିଭାଗ ପକ୍ଷରୁ ୨୦୨୧ରେ ଏଥିପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଜମି ଅଧିଗ୍ରହଣ ପରେ ୨୦୨୩ ମେ ୧ରୁ କାମ ଆରମ୍ଭ ହୋଇଥିଲା। ରାସ୍ତା କାମ ପାଇଁ ଜମି ଅଧିଗ୍ରହଣ ବାବଦ ୧୧୮ କୋଟି ଟଙ୍କା ଜମି ମାଲିକଙ୍କୁ ପ୍ରଦାନ କରାଯାଇଛି। ମୋଟ ୧୭ କିମି ବାଇପାସ୍ ନିର୍ମାଣ ପାଇଁ ୩୦୦ କୋଟି ୩୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ରାସ୍ତାରେ ୨୮ଟି କଲଭର୍ଟ କାମ ସରିଛି। ପିଚୁ କାମ ମଧ ଶେଷ ହୋଇଛି। ଖୁବଶୀଘ୍ର ଏହା ଲୋକାର୍ପିତ ହେବ ବୋଲି ସୂଚନା ମିଳିଛି। ବାଇପାସ ନିର୍ମାଣ ଦ୍ୱାରା ୨୧ ଖଣ୍ଡ ଗ୍ରାମବାସୀ ଉପକୃତ ହେବେ। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଜମି ମୂଲ୍ୟ ମଧ ବୃଦ୍ଧି ପାଇଛି। ବାଇପାସ କଡ଼ରେ ଧୀରେ ଧୀରେ ବଜାର ଖୋଲିବା ସହ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବ ବୋଲି ଆଶା କରାଯାଉଛି। ଯାହା ଦ୍ୱାରା ନୟାଗଡ଼ ସହର ଭୌଗୋଳିକ ମାନଚିତ୍ର ବଦଳିବ ବୋଲି ଆଶା କରାଯାଉଛି।

### ଦୁର୍ଘଟଣାରେ ଗଲାଣି ଅନେକ ଜୀବନ

ନୟାଗଡ଼ ବାଇପାସ ନିର୍ମାଣ ଶେଷ ହେବା ପୂର୍ବରୁ ଅନେକ ସ୍ଥାନରେ ଦୁର୍ଘଟଣା ଘଟି ଏକାଧିକ ଜୀବନ ଯାଇସାରିଛି। ୧୭ କିମି ରାସ୍ତାକୁ ଲାଗି ୨୧ ଗାଁ ରହିଛି। ଏହା ବାଦ ବାଇପାସରୁ ବିଭିନ୍ନ ସ୍ଥାନରେ ଗାଁଗୁଡ଼ିକ ସଂଲଗ୍ନ ରାସ୍ତାଗୁଡ଼ିକ ତ୍ରୁଟିପୂର୍ଣ୍ଣ ଭାବେ ନିର୍ମାଣ କରାଯାଇଛି। ଯାହା ଦ୍ୱାରା ଦୁର୍ଘଟଣା ଘଟୁଛି। ବାଇପାସରେ ଭାରୀଯାନ ଚଳାଚଳ କରିବା ପରେ ଦୁର୍ଘଟଣା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ଏହି ବାଇପାସ ରାସ୍ତାକୁ ଆଲୋକୀକରଣ କରାଯିବା ସହ ବିଭିନ୍ନ ସଂଲଗ୍ନ ରାସ୍ତାରେ ଟ୍ରାଫିକ ନିୟମ କଡ଼ାକଡ଼ି କରାଯିବାକୁ ଦାବି ହେଉଛି। ଏହାସହ ଦୁର୍ଘଟଣା ଏଡ଼ାଇବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ଏକାଦଶ ରାଜ୍ୟ ତୈଳିକ ବୈଶ୍ୟ ମହାସଭା




**ଭାପୁର,୨୨।୩(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମଠାରେ ଶନିବାର ଅପରାହ୍ନରୁ ଦୁଇ ଦିନିଆ ଏକାଦଶ ରାଜ୍ୟ ତୈଳିକ ବୈଶ୍ୟ ସମାଜର ବିରାଟ ସମାବେଶ ଆୟୋଜିତ ହୋଇଯାଇଛି। ଏହି ସମାବେଶରେରେ ନୟାଗଡ଼ ଖୋର୍ଦ୍ଧା ଓ କଟକ ଜିଲ୍ଲାର ହଜାର ହଜାର ତୈଳିକ ବୈଶ୍ୟ ସମାଜର ବରିଷ୍ଠ ବ୍ୟକ୍ତି ମାନେ ଯୋଗଦାନ କରିଥିଲେ। ତୈଳିକ ବୈଶ୍ୟ ସମାଜରେ ସାମାଜିକ ସଂସ୍କାର, ଆର୍ଥିକ ଦୃଷ୍ଟିରୁ ପଛୁଆ ପରିବାରଙ୍କୁ ଆର୍ଥିକ ସହଯୋଗ, ଅଭାବୀ ପରିବାର ପାଠ ପଢୁଆ ପିଲାମାନଙ୍କୁ ଶିକ୍ଷା ବୃତ୍ତି ଓ ଆର୍ଥିକ ପ୍ରୋତ୍ସାହନ , ପାରିବାରିକ ସମାସ୍ୟାର ସମାଧାନ ଓ ବାଲ୍ୟ ବିବାହ ଭଳି ପ୍ରଥାକୁ ବନ୍ଦ କରିବା ଭଳି ଅନେକ ସାମାଜିକ କାର୍ଯ୍ୟ କରି ତୈଳିକ ସମାଜ ପ୍ରଶଂସିତ ହୋଇ ଆସୁଛି। ନୟାଗଡ଼ ଜିଲ୍ଲା ପଦ୍ମାବତୀ, ଭାପୁର, ଖଣ୍ଡପଡ଼ା ପାଞ୍ଚକ୍ରୋଶ, ଖଣ୍ଡପଡ଼ା ନବକ୍ରୋଶ, ଦଶପଲ୍ଲା, ଖୋର୍ଦ୍ଧା ଜିଲ୍ଲା ସୁନାଖଳା, ସାନପଦର, ବୋଲଗଡ, ମାଣିବନ୍ଧ, ଛବିଶ୍ୱା ଓ କଟକ ଜିଲ୍ଲାର ବୈଦେଶ୍ୱର, କଳାପଥର ,କେନ୍ଦୁପଲ୍ଲୀ ଅଞ୍ଚଳକୁ ନେଇ ଏକାଦଶ ରାଜ୍ୟ ଗଠିତ ହୋଇଛି। ପଦ୍ମାବତୀ ଗ୍ରାମ ଯାତ୍ରା ପଡିଆରେ ଶନିବାର ସନ୍ଧ୍ୟାରେ କୌଳିକ ସଙ୍ଗୀତ ଗାନ ପରେ ବେଦପାଠ ସହ ବୋଇତ ବନ୍ଦାଣ କରାଯାଇଥିଲା ଓ ସମସ୍ତ ଅତିଥି ମାନଙ୍କୁ ତୋପ ସଲାମ ପ୍ରଦାନ କରାଯାଇଥିଲା। ଗିରିଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କର୍ମକର୍ତ୍ତା ବୈଠକ ଆୟୋଜିତ ହୋଇ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ରବିବାର ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ବୋଲଗଡ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଖୋର୍ଦ୍ଧା ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ଧଳ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା ଓ ପଦ୍ମାବତୀ ସରପଞ୍ଚ ଅଜୟ ମଲ୍ଲିକ ଯୋଗ ଦେଇଥିଲେ। ନୂତନ କର୍ମକର୍ତ୍ତା ଭାବେ ସଭାପତି ବିଶ୍ୱନାଥ ସାହୁ, ଉପସଭାପତି କ୍ଷେତ୍ର ମୋହନ ମହାପାତ୍ର, ସାଧାରଣ ସମ୍ପାଦକ ପ୍ରତାପ କୁମାର ମହାପାତ୍ର, ସହ ସମ୍ପାଦକ ତ୍ରିନାଥ ସାହୁ, ଯୁଗ୍ମ ସମ୍ପାଦକ ସନାତନ ସାହୁ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ମହାପାତ୍ର, ଅର୍ଥ ସମ୍ପାଦକ ରାଜକିଶୋର ସାହୁ ଓ ଶିକ୍ଷା ସମ୍ପାଦକ ଉମାକାନ୍ତ ସାହୁ ,ସମୀକ୍ଷକ ବସନ୍ତ କୁମାର ସାହୁ, ଅଧ୍ୟକ୍ଷ ଶରତ ସାହୁ ଓ ଉପାଧ୍ୟକ୍ଷ ଅଶୋକ ସାହୁ ନିର୍ବାଚିତ ହୋଇଛନ୍ତି।

### ବାଇକରୁ ଖସିପଡ଼ି ମହିଳା ମୃତ

**ଭାପୁର,୨୨।୩(ସମିସ):** ବାଇକ୍‌ରୁ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ବାରକାହାଣିଆର ରାଜ ଡାଲୁଆଙ୍କ ସ୍ତ୍ରୀ ମନୁ ଡାଲୁଆ (୬୨)। ମନୁ ତାଙ୍କ ପୁତୁରା ସହ ନିଜ ଝିଆରି ଘର ବେଣାଗାଡ଼ିଆକୁ ଯାଇଥିଲେ। ଶନିବାର ଅପରାହ୍ନ ୪ ଟାରେ ଘରକୁ ଫେରିବା ବେଳେ କାଦୁଆ ନିକଟରେ ଭାରସାମ୍ୟ ହରାଇ ବାଇକରୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଣ୍ଡପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ।

## ଗ୍ୟାସ ସଙ୍କଟ, କାଠଚୁଲା ଭରସା

**ଗଣିଆ,୨୨।୩(ସମିସ):** ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ପ୍ରଭାବରେ ଭାରତରେ ଗ୍ୟାସ ସଙ୍କଟ ଦେଖାଦେଇଛି। ପୂର୍ବରୁ ଗ୍ୟାସ ବିତରକ ସଂସ୍ଥା ଗାଁ ଗାଁରେ ବୁଲି ଗ୍ୟାସ ସିଲିଣ୍ଡର ଯୋଗାଇ ଦେଉଥିଲେ। ଗ୍ୟାସ ବୁକିଂ କରିବା ପାଇଁ ସେମିତି କୌଣସି କଟକଣା ଜାରୀ କରାଯାଇନଥିଲା। ଫଳରେ ଜନସାଧାରଣଙ୍କର ଯେତେବେଳେ ଆବଶ୍ୟକ ସେତେବେଳକୁ ତାଙ୍କୁ ସିଲିଣ୍ଡର ମିଳି ଯାଉଥିଲା। ଏବେ ବୁକିଂ କରିବାର ୨୫ ଦିନ ନହେଲେ ଆଉ ଗୋଟିଏ ଗ୍ୟାସ ମଧ ବୁକିଂ କରି ହେଉନାହିଁ। ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଜଳଖିଆ ଦୋକାନ ଖଣ୍ଡିଏ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀମାନେ ହତାଶ ହୋଇ ପଡ଼ିଛନ୍ତି। ଦୋକାନରେ ମାସ ସାରା ୭ରୁ ୮ଟି ଗ୍ୟାସ ସିଲିଣ୍ଡର ଆବଶ୍ୟକ ହେଉଥିବାରୁ କେହି କେହି ଦୋକାନ ବନ୍ଦ ମଧ କରି ସାରିଲେଣି। ଅନେକ ଏବେ କାଠଚୁଲାକୁ ଭରସା କରି ବ୍ୟବସାୟ କରୁଥିବା ଦେଖିବାକୁ ମିଳିଛି। ଗଣିଆ ବ୍ଲକ ମାଳତିପୁଟ ଗ୍ରାମର ଜଳଧର କାଠୁଆ ଗଣିଆ-ଛାମୁଣ୍ଡିଆ ରାସ୍ତାରେ ଏକ ଜଳଖିଆ ଦୋକାନ କରିଛନ୍ତି। ତାଙ୍କ ଜଳଖିଆ ବେଶ୍ ଜନ ଆଦୃତି ଲାଭ କରିଛି। ତେବେ ଗ୍ୟାସ ସିଲିଣ୍ଡର ସଙ୍କଟ ଯୋଗୁଁ ସେ କାଠ ଚୂଲିରେ ଜଳଖିଆ ପ୍ରସ୍ତୁତ କରୁଛନ୍ତି। ଉପାୟ ନ ଥିବାରୁ ପରିବାର ପ୍ରତିପୋଷଣ କରିବା ନିହାତି ଆବଶ୍ୟକ ହୋଇଥିବାରୁ ପୁଣିଥରେ କାଠ ଚୂଲିକୁ ଭରସା କରିଛି ବୋଲି ସେ ପ୍ରକାଶ କରିଛନ୍ତି। କାଠ ମିଳିବା କଷ୍ଟକର ହୋଇଥିଲେ ବି ଯେନତେନ ପ୍ରକାରେଣ ଚଳି ଯାଉଛି ବୋଲି ସେ ଜଣାଇଛନ୍ତି।



ଜଳଧର ଭଳି ଏଭଳି ଅନେକ ବ୍ୟବସାୟୀ ଓ ଖାଉଟି ଗ୍ୟାସ ସଙ୍କଟରେ ଜୀବନ ଅତିବାହିତ କରୁଛନ୍ତି। ଆଗରୁ ଏଭଳି କେବେ ଗ୍ୟାସ ସଙ୍କଟ ଦେଖାଦେଇ ନଥିଲା। ଗଣିଆରେ ଗ୍ୟାସ ଡିପୋ ନଥିବାରୁ ନୂଆଗାଁ,ଦଶପଲ୍ଲା ତଥା ମାଧପୁର ଡିପୋ ଉପରେ ଲୋକେ ନିର୍ଭର କରୁଛନ୍ତି। ଆବଶ୍ୟକ ଗ୍ୟାସ ନଥିବାରୁ ଆଉ ଗ୍ୟାସ ବିତରକ ସଂସ୍ଥା ଗାଁ ଗାଁ ବୁଲୁ ନାହାଁନ୍ତି। ତେବେ ଗଣିଆରେ ଯଦି ଗୋଟିଏ ଗ୍ୟାସ ବିତରକ ସଂସ୍ଥା ଖୋଲା ଯାଆନ୍ତା ତେବେ ଲୋକମାନେ ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ଏପରିକି ଗ୍ୟାସ ବୁକିଂ ସମୟରେ ପରିବର୍ତ୍ତନ କରିବାକୁ ମଧ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ତେବେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## 'ଦର୍ଶନ' ପକ୍ଷରୁ ପୂଜ୍ୟପୂଜା ସମ୍ମାନ ଓ ବନ୍ଧୁମିଳନ



**ନୟାଗଡ଼,୨୨।୩(ସମିସ):** ଦୈନିକ ଖବରକାଗଜ ଦର୍ଶନ ପକ୍ଷରୁ ରବିବାର ନୟାଗଡ଼ ସାମ୍ବାଦିକ ଭବନରେ ପୂଜ୍ୟପୂଜା ସମ୍ମାନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ପ୍ରତିନିଧି ଜନ୍ମେଜୟ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ବିଶ୍ୱରେ ସୃଷ୍ଟି ହୋଇଥିବା ଭୟାନକ ପରିସ୍ଥିତି ସମ୍ପର୍କରେ ଆଲୋଚନା ରଖିଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ନିରୁପମା ଖଟେଇ, ବିଜେପି ନେତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଦର୍ଶନର ସମ୍ପାଦକ ବିଭୂତି ଭୂଷଣ ନାୟକ, ସହ ସମ୍ପାଦିକା ପ୍ରଶମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଦର୍ଶନର ପ୍ରତିନିଧି ଏବଂ ଜିଲ୍ଲାର ସମସ୍ତ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଅନେକ ବ୍ୟକ୍ତିତ୍ୱଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ପ୍ରତିନିଧି ସହଯୋଗ କରିଥିଲେ। ରଣପୁର ବ୍ଲକ ପ୍ରତିନିଧି ରଞ୍ଜନ କୁମାର ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଫାଇନାଲରେ ବରୁଣେଇ



**କଣ୍ଟିଲୋ,୨୨।୩(ସମିସ):** ବରୁଣେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ପଡ଼ିଆରେ ଚାଲିଥିବା ଗ୍ରୀଷ୍ମକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଘରୋଇ ବରୁଣେଇ (ବି) ଟିମ ବଡ଼ବାଣପୁରକୁ ୨୬ ରନରେ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ୧୫ ଓଭର ବିଶିଷ୍ଟ ମ୍ୟାଚରେ ଟସ ଜିତି ବଡ଼ବାଣପୁର ଫିଲ୍ଡିଂ କରିଥିଲା। ବରୁଣେଇ ଦଳ ୭ ଉଇକେଟ ହରାଇ ୧୬୭ରନ କରିଥିଲା। ଜବାବରେ ବଡ଼ବାଣପୁର ଦଳ ୧୫ ଓଭରରେ ୬ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ବରୁଣେଇ ଦଳର କୁନା ମଲ୍ଲିକ ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ। ଅମ୍ପାୟା ସୂରଜ ମହାରଣା ଓ ରାଜେନ୍ଦ୍ର ଦଳେଇ ମ୍ୟାଚ ପରିଚାଳନା କରିଥିଲେ। ଶୁଭମ ଦାସ ଧାରାବିବରଣୀ ପ୍ରଦାନ ଓ ବଣ୍ଟି ବେହେରା ସ୍କୋର ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ ଓ ନୀଳମାଧବ ମନ୍ଦିର ପୂଜକ ସମାଜ ସଭାପତି ନୀହାର ରଞ୍ଜନ ମିଶ୍ର ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୋମବାର ଫାଇନାଲରେ ବରୁଣେଇ (ବି) ଓ ଗୋଲାସାହି (ବୋଦସା) ଦଳ ମଧରେ ମୁକାବିଲା ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

## ସଞ୍ଜୀୟ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି



**ନୟାଗଡ଼,୨୨।୩(ସମିସ):** ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଭାବେ ଯୁବନେତା ସଞ୍ଜୀୟ କୁମାର ନାୟକଙ୍କୁ ଚୟନ କରାଯାଇଛି। ଏହି ପଦବୀରେ ବିଜେପି ନେତା ଶ୍ରୀନିବାସ ପ୍ରଧାନ ରହିଥିଲେ। ଚଳିତ ଥର ବାଲୁଗାଁର ଯୁବନେତା ସଞ୍ଜୀୟଙ୍କୁ ଦାୟିତ୍ୱ ମିଳିଛି। ଏ ନେଇ ବିଜେପି ଯୁବଗୋଷ୍ଠୀଙ୍କ ମଧରେ ଖୁସିର ମାହୋଲ ଖେଳିଯାଇଛି। ସଞ୍ଜୀୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ସ୍ୱୟଂଚାଳିତ କେନାଲ ପ୍ରଣାଳୀ ଉଦଘାଟିତ



**ରଣପୁର,୨୨।୩(ସମିସ):** ବିଶ୍ୱ ଜଳଦିବସ ଅବସରରେ ଭୁବନେଶ୍ୱର ଭାରତୀୟ ଜଳ ପ୍ରବନ୍ଧନ ଅନୁଷ୍ଠାନ ଆନୁକୂଲ୍ୟରେ ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଦର୍ପନାରାୟଣପୁର ଗ୍ରାମସ୍ଥିତ କ୍ଷୁଦ୍ରଜଳ ସେଚନ ପ୍ରକଳ୍ପ ଓ ଶୁକ୍ର ବେହେରା ମେମୋରିଆଲ ଜଳ ବ୍ୟବହାରକାରୀ ସଙ୍ଘ ଆବାହକତ୍ୱରେ ରବିବାର ଦର୍ପନାରାୟଣପୁର ବନ୍ଧରେ ସ୍ୱୟଂଚାଳିତ କେନାଲ ପ୍ରଣାଳୀ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟବକ୍ତା ଭାବେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଭାରତୀୟ ଜଳ ପ୍ରବନ୍ଧନ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅଲୁମାଦର ଷଡ଼ଙ୍ଗୀ, ମୁଖ୍ୟ ବୈଜ୍ଞାନିକ ଡ. ସୁଶାନ୍ତ କୁମାର ଜେନା, ଡ. ରବୀନ୍ଦ୍ର କୁମାର ପଣ୍ଡା, ଜଳସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବରିଷ୍ଠ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା।

## ସରସ୍ୱତୀ ଶିଶୁ ମନ୍ଦିରର ରୌପ୍ୟ ଜୟନ୍ତୀ ଉଦଘାଟିତ

**ଭାପୁର,୨୨।୩(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ସରସ୍ୱତୀ ଶିଶୁ ମନ୍ଦିରର ଦୁଇଦିନିଆ ରୌପ୍ୟ ଜୟନ୍ତୀ ସମାରୋହ ଉଦଘାଟିତ ହୋଇଛି। ପ୍ରଧାନ ଗୁରୁଜୀ କାମରାଜ ବରାଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଭାପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଅନୁଷ୍ଠାନର ପ୍ରତିଷ୍ଠାତା ଚରଣ ସାହୁ, ସମ୍ପାଦକ ଅଧ୍ୟାପକ ପଦ୍ମଚରଣ ଭୋଳ, ଆନ୍ତର୍ଜାତୀୟ ଚିତ୍ରଶିଳ୍ପୀ ସୁଧାକର ବି ଫୁକେନ, ବୋଲଗଡ଼ ଏକ୍ସପ୍ରେସ ବ୍ରଜବନ୍ଧୁ ସୁବୁଦ୍ଧି, ହାସ୍ୟ କଳାକାର ଦୋରା ଖୁଣ୍ଟିଆ ଯୋଗଦେଇଥିଲେ। ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ତଥା ସାମ୍ବାଦିକ ସୁବାସ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ଭୁବନେଶ୍ୱର କଳାକେନ୍ଦ୍ରର କଳାକାର ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର କୁନି ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ରାସଙ୍ଗ ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାଳୟ

# ଖତ ଖାଉଛି ୭୫ ଲକ୍ଷର ନୂତନ କୋଠା

**ଗଣିଆ,୨୨।୩(ସମିସ)**

ଶିକ୍ଷାର ମାନବୃଦ୍ଧି କରିବାକୁ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ପିଲାମାନଙ୍କୁ ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ମାଗଣା ବହି, ସାଇକଲ ଆଦି ପ୍ରଦାନ କରାଯାଉଛି। ବିଦ୍ୟାଳୟଗୁଡ଼ିକରେ ମୋ ସ୍କୁଲ ଅଭିଯାନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ସୁନ୍ଦର କୋଠା ସାଙ୍ଗକୁ ସ୍ମାର୍ଟ୍ କ୍ଲାସରୁମ୍, କମ୍ପ୍ୟୁଟର ଲ୍ୟାବ, ବିଜ୍ଞାନ ଲ୍ୟାବ, ଲାଇବ୍ରେରୀ ଆଦି ନିର୍ମାଣ କରାଯାଇଛି। ଛାତ୍ରଛାତ୍ରୀମାନେ ବଡ଼ ଏଲଇଡି ସ୍କ୍ରିନ୍ ମାଧମରେ ଶିକ୍ଷାଲାଭ କରୁଛନ୍ତି। ତେବେ ରାଜ୍ୟରେ ଏଭଳି ଅନେକ ବିଦ୍ୟାଳୟ ରହିଛି ଯେଉଁଠାରେ ସ୍ମାର୍ଟ କ୍ଲାସରୁମ୍ ନିର୍ମାଣ ହୋଇଛି ସତ କିନ୍ତୁ କାର୍ଯ୍ୟକାରୀ ହେଉନାହିଁ।




ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ରାସଙ୍ଗରେ ଥିବା ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାଳୟ ଆଜକୁ ପ୍ରାୟ ଦୁଇ ବର୍ଷରୁ ଅଧିକ ସମୟ ହେବ ମୋ ସ୍କୁଲ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ଏପରିକି ୭୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି ଦୁଇ ମହଲା କୋଠା। ଚକାଚକ ରଙ୍ଗ ସହ ବିଦ୍ୟାଳୟ ପରିବେଶ ଅତ୍ୟନ୍ତ ମନୋରମ ହୋଇଛି। ଛାତ୍ରଛାତ୍ରୀଙ୍କ ମଧରେ ନୂତନ ଶ୍ରେଣୀଗୃହରେ ବସି ପାଠ ପଢ଼ିବାର ଆଗ୍ରହ ଥିଲେ ମଧ ତାହା ସ୍ୱପ୍ନ ପାଲଟିଛି।

ଦୁଇବର୍ଷ ହେବ ନିର୍ମାଣ ହୋଇଥିବା କୋଠା ଏବେ ଭୂତକୋଠି ପାଲଟିଛି।

### ଅବ୍ୟବହୃତ ଅବସ୍ଥାରେ ବିତିଲାଣି ୨ ବର୍ଷ

ବିଦ୍ୟାଳୟ ଚତୁଃପାର୍ଶ୍ୱରେ ଆବର୍ଜନା ଗଦା ହୋଇ ପରିବେଶ ଦୂଷିତ ହେବାକୁ ବସିଲାଣି। ଦୁଇବର୍ଷ ହେବ ବିଦ୍ୟାଳୟ ରହିଥିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନଠାରୁ ଆରମ୍ଭ କରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅପାରଗତା ଯୋଗୁଁ ସରକାରଙ୍କ ଏହି ଜନହିତକର ଯୋଜନା ଏବେ ଭୂତକୋଠିରେ ପରିଣତ ହୋଇଛି। ଉକ୍ତ ସ୍ମାର୍ଟ କ୍ଲାସରୁମ୍ ପରିସରରେ ପାଠପଢ଼ା ଆରମ୍ଭ କରିବା ପାଇଁ କେହି ବି ଆଗଭର ହେଉନାହାନ୍ତି। 'ସରକାର କା ମାଲ୍ ଦରିଆ ମେଡାଲ୍' ନ୍ୟାୟରେ ଚାଲିଛି ଉକ୍ତ ବିଦ୍ୟାଳୟ। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ କହିଲେ, ନୂତନ ପରିବେଶରେ ପାଠ ପଢ଼ିବାକୁ ପିଲାଙ୍କ ମଧରେ ଅନେକ ଆଗ୍ରହ ଥିଲେ ମଧ କିଛି ଆନୁଷଙ୍ଗିକ କାର୍ଯ୍ୟ ବଳକା ରହିଯାଇଥିବାରୁ ସ୍ମାର୍ଟ କ୍ଲାସରୁମରେ ପାଠପଢ଼ା ହୋଇପାରୁନାହିଁ। ତୁରନ୍ତ ସମସ୍ତ କାର୍ଯ୍ୟ ଶେଷ କରି ଚଳିତ ଶିକ୍ଷାବର୍ଷରୁ ନୂତନ କୋଠାରେ ପାଠପଢ଼ା ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି।

## ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଖଣ୍ଡପଡ଼ା,୨୨।୩(ସମିସ):** ଖଣ୍ଡପଡ଼ା ସହରସ୍ଥିତ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟଳର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ଚିତ୍ରଶିଳ୍ପୀ ସୁଧାକର ପି, ପୁରାତନ ଛାତ୍ର ସଂସଦ ସଭାପତି କାଶିନାଥ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ରୋଜାଲିନ ପରମଗୁରୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସୁଧା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ପ୍ରତାପ ବେହେରା ଧନ୍ୟବାଦ ଦେଇଥିଲେ।

# ଦିନ ମଜୁରିଆଙ୍କ ସନ୍ଦେହଜନକ ମୃତ୍ୟୁ

**ବେଗୁନିଆ, ୨୨।୩(ସମିସ):** ବେଗୁନିଆ ଥାନା ଅନ୍ତର୍ଗତ ଗଡ଼ତରା ଗ୍ରାମର ଜଣେ ଦିନ ମଜୁରିଆଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଶାନ୍ତ କୁମାର ନାୟକ (୩୨)। ସେ ଆଜବେଷ୍ଟସର ଲାଗି ଥିବା ଲୁହା ରେଲିଂରେ ଶାଢ଼ୀରେ ଫାଶୀ ଲଗାଇ ଝୁଲୁଥିବାବେଳେ ପୁଲିସ ମୃତଦେହ ଉଦ୍ଧାର କରିଥିଲା। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି। ମାତ୍ର ପୁଲିସ ଏହା ଆତ୍ମହତ୍ୟା ବୋଲି ଅନୁମାନ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି।

# ୪୪ ଲିଟର ମଦ ଜବତ; ଦୁଇ ମଦ ବେପାରୀ ଗିରଫ



**ଟାଙ୍ଗୀ, ୨୨।୩(ସମିସ):** ଆଜି ଟାଙ୍ଗୀ ଅବକାରୀ ବିଭାଗ ପୃଥକ୍ ପୃଥକ୍ ଦୁଇଟି ସ୍ଥାନରେ ଚଢ଼ଉ କରି ଗୋଟିଏ ବାଇକ୍ ସହ ୪୪ ଲିଟର ଦେଶୀମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଟାଙ୍ଗୀ ଦୁର୍ଗାଚରଣ ଚିଲିକା ମହାବିଦ୍ୟାଳୟ ପଛପଟ ଜଙ୍ଗଲ ବିଭାଗ ଅଞ୍ଚଳରେ କୁଢ଼ କୁଢ଼ ମଦ ବୋତଲ ଏକ ସପ୍ତାହ ହେଲା ସ୍ଥାନୀୟ ପରିବେଶବିତ୍‌ମାନେ ସଫାସୁତରା କରୁଥିବା ବେଳେ ଆଜି ଟାଙ୍ଗୀ ଅବକାରୀ ବିଭାଗ ଏହି ମହାବିଦ୍ୟାଳୟ ନିକଟରେ ଜଣେ ବାଇକ୍ ଆରୋହୀଙ୍କୁ ତଲାସୀ କରି ତାଙ୍କ ନିକଟରୁ ୩୦ ଲିଟର ଦେଶୀମଦ ଜବତ କରିଥିବା ବେଳେ ଟାଙ୍ଗୀ ଗ୍ରାମର ଚରଣ ମହାରଣା ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ସେହିପରି ଟାଙ୍ଗୀ ମଧୁମଙ୍ଗଳ ପଡ଼ିଆ ନିକଟରେ ଟାଙ୍ଗୀ ଗ୍ରାମର ଅବିନାଶ ନାୟକଙ୍କ ନିକଟରୁ ୧୪ ଲିଟର ଦେଶୀମଦ ଜବତ କରି ଗିରଫ କରିଛି। ଖୋର୍ଦ୍ଧା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଅବକାରୀ ନିରୀକ୍ଷକ ଅଜିତ କୁମାର ପାତ୍ର ଓ ଅବକାରୀ ଏସ୍‌ଆଇ ରମେଶ ଚନ୍ଦ୍ର ବାରିକ ଚଢ଼ଉରେ ସାମିଲ ଥିଲେ।

# କୁଷ୍ମାଣ୍ଡା ବେଶରେ ମା' ବନଦୁର୍ଗା



**ନିରାକାରପୁର, ୨୨।୩(ସମିସ):** ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ବିଶ୍ୱକଲ୍ୟାଣ ନିମନ୍ତେ, ଶାରଦୀୟ ଷୋଳପୂଜାର ଦ୍ୱାଦଶ ଓ ନବରାତ୍ରିର ଚତୁର୍ଥ ଦିବସରେ କୁଷ୍ମାଣ୍ଡ ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟପୂଜା, ପଞ୍ଚ ଦେବତା ପୂଜା ପରେ ମା'ଙ୍କର ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଆଧରପଣା ଓ ଶ୍ରୀ ମହାପ୍ରସାଦ ମା'ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡଃ କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ ଓ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଶୀ, ପଣ୍ଡିତ ସୀତାକାନ୍ତ ଦାଶ ଓ ବେଦ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ ଏବଂ ଗ୍ରାମର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଦିବ୍ୟ ବେଶକୁ ଦର୍ଶନ କରିଥିଲେ।

## ଖୋର୍ଦ୍ଧା ଜିଲ୍ଲା ପୁଲିସର ସଫଳତା

# ଛଅ ମାସରେ ଗିରଫ ହେଲେଣି ୮୦ ନିଶା ବେପାରୀ

ଖୋର୍ଦ୍ଧା, ୨୨।୩(ସମିସ)





- ଜବତ ହେଲାଣି ୧ କେଜିରୁ ଊର୍ଦ୍ଧ୍ୱ ବ୍ରାଉନ୍‌ସୁଗର
- ଦୁଇ କ୍ୱିଣ୍ଟାଲ ଗଞ୍ଜେଇ, ୧୭୫ ବୋତଲ କଫ୍‌ସିରପ ଜବତ

ଧଳାଜହର କାରବାରର ଚରାଭୂଇଁ ପାଲଟିଛି ଖୋର୍ଦ୍ଧା। ବ୍ରାଉନ୍‌ସୁଗର ଓ ଗଞ୍ଜେଇ ବେପାର ମୂଳପୋଛ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପୁଲିସ ପକ୍ଷରୁ ଚାଲିଛି ଅପରେସନ। ଏନେଇ ପୁଲିସର ସ୍ୱତନ୍ତ୍ର ଟିମ୍ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇ ଗୋଟିଏ ପରେ ଗୋଟିଏ ବ୍ରାଉନସୁଗର ଓ ଗଞ୍ଜେଇ ବେପାରୀଙ୍କୁ ପୁଲିସ ଗିରଫ କରୁଛି। ଜିଲ୍ଲା ପୁଲିସ ରିପୋର୍ଟ ଦେଖିଲେ ଗତ ସେପ୍ଟେମ୍ବରରୁ ଫେବୃୟାରୀ ୬ ମାସ ମଧ୍ୟରେ ୧ କେଜିରୁ ଊର୍ଦ୍ଧ୍ୱ ଓଜନର ବ୍ରାଉନସୁଗର, ୨ କ୍ୱିଣ୍ଟାଲ ଗଞ୍ଜେଇ ଓ ୧୭୫ରୁ ଊର୍ଦ୍ଧ୍ୱ ବୋତଲ କଫସିରପ ଜବତ ହୋଇଥିବାବେଳେ ଏନେଇ ପୁଲିସ ୮୦ଜଣଙ୍କୁ ଗିରଫ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ୧କୋଟି ହୋଇଥିବାବେଳେ ୨ କ୍ୱିଣ୍ଟାଲ ଗଞ୍ଜେଇର ମୂଲ୍ୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଏବଂ କଫ ସିରପର ମୂଲ୍ୟ ଦେଢ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ପୁଲିସ ଆକଳନ କରିଛି।

ବ୍ରାଉନସୁଗର ବାଲେଶ୍ୱର, ଜଳେଶ୍ୱର ପ୍ରଭୃତି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧା ଆସୁଥିବାବେଳେ ଏବେ ପୁଣି ପଶ୍ଚିମବଙ୍ଗ ଲିଙ୍କ ପୁଲିସ ପାଇଛି। ସେହିପରି ଫୁଲବାଣୀ ଓ ବୌଦ୍ଧ ଅଞ୍ଚଳରୁ ଖୋର୍ଦ୍ଧାକୁ ବସ ଓ ଟ୍ରେନ୍ ଯୋଗେ ଗଞ୍ଜେଇ ଆସୁଥିବାବେଳେ ଦିଲ୍ଲୀ ଏବଂ ହିମାଚଳ ପ୍ରଦେଶରୁ ଆସୁଥିବା କଫସିରପ ମଧ୍ୟ ଖୋର୍ଦ୍ଧାରେ ବେଶ୍ ବେପାର ଜମାଇଛନ୍ତି ନିଶା ବେପାରୀ।

ଜିଲ୍ଲା ପୁଲିସର ତଥ୍ୟ ଅନୁସାରେ, ଗତ ସେପ୍ଟେମ୍ବର ମାସରେ ବିଭିନ୍ନ ଥାନାରେ ୧୦ଟି ମାମଲା ରୁଜୁ ହୋଇଥିଲା। ଏହି ମାସରେ ୧୩୩.୭୯ ଗ୍ରାମ ବ୍ରାଉନସୁଗର ଏବଂ ୩୦.୭୨କେଜି ଗଞ୍ଜେଇ, ୭ଟି ବାଇକ୍ ଓ ନଗଦ ସାଢେ ୪ହଜାର ଟଙ୍କା ଜବତ ହୋଇଥିଲା। ଉକ୍ତ ମାସରେ ପୁଲିସ ଏହି ଘଟଣାରେ ୧୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅକ୍ଟୋବର ମାସରେ ୪ଟି ମାମଲା ରୁଜୁ ହୋଇଥିବାବେଳେ ୩୬୯.୦୨୧ ଗ୍ରାମ ବ୍ରାଉନସୁଗର ଏବଂ ୨୯.୯୨୫ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ୧୪ଜଣଙ୍କୁ ପୁଲିସ ଗିରଫ କରିଥିବାବେଳେ ୩ଟି କାର, ୭ଟି ବାଇକ୍, ଗୋଟିଏ ବନ୍ଧୁକ, ୭ଟି ମୋବାଇଲ ଏବଂ ୪ଲକ୍ଷ ୩୬ହଜାର ଟଙ୍କା କୁ ପୁଲିସ ଜବତ କରିଥିଲା। ସେହିପରି ନଭେମ୍ବର ମାସରେ ୧୦ଟି ମାମଲାରେ ୧୩ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୨୫୩.୩ଗ୍ରାମ ବ୍ରାଉନସୁଗର, ୩୬.୦୬୮ କେଜି ଗଞ୍ଜେଇ, ୫ଟି ମୋଟରସାଇକେଲ, ଟାଟାଏସିଇ ଗୋଟେ ଏବଂ ନଗଦ ୬୨ହଜାର ୫୧୦ଟଙ୍କା କୁ ପୁଲିସ ଜବତ କରିଥିଲା।

ଡିସେମ୍ବର ମାସରେ ୫ଟି ମାମଲା ରୁଜୁ ହୋଇଥିବାବେଳେ ଏଥିରେ ୧୧ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ଠାରୁ ପୁଲିସ ୭୨୮.୦୬୧ ଗ୍ରାମ ବ୍ରାଉନସୁଗର, ୧୭୫ ବୋତଲ (୧୦୦ମିଲି.) କଫସିରପ୍ ଏବଂ ୪ଟି ବାଇକ, ୮ଟି ମୋବାଇଲ କୁ ପୁଲିସ ଜବତ କରିଥିଲା। ଜାନୁୟାରୀ ମାସ ରେ ୧୪୮.୫୩୩ ଗ୍ରାମ ବ୍ରାଉନସୁଗର ଏବଂ ୮୯.୮୧୦ କେଜି ଗଞ୍ଜେଇ ପୁଲିସ ୧୨ଟି ମାମଲାରେ ଜବତ କରିଥିଲା। ଏଥିରେ ୧୮ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଠାରୁ କାର, ବନ୍ଧୁକ, ଜୀବନ୍ତ ଗୁଳି ଓ ନଗଦ ୫୪, ୬୩୦ଟଙ୍କା କୁ ମଧ୍ୟ ପୁଲିସ ଜବତ କରିଥିଲା। ସେହିପରି ଫେବୃୟାରୀ ମାସରେ ୫ଟି ମାମଲା ପୁଲିସ କରିଥିଲା। ଏଥିରେ ୯ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୫୪ ଗ୍ରାମ ବ୍ରାଉନସୁଗର ଓ ୧୧ କେଜି ଗଞ୍ଜେଇ ସମେତ ଗୋଟିଏ କାର୍, ୩ଟି ବାଇକ କୁ ପୁଲିସ ଜବତ କରିଥିଲା।

ପ୍ରକାଶ ଥାଉକି, ଖୋର୍ଦ୍ଧା ସହର ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇଁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପହଁଚିଲାଣି। ବିଶେଷତଃ ବ୍ରାଉନ୍‌ସୁଗର ଓ ଗଞ୍ଜେଇ ପରେ ଏବେ କଫସିରପ ବେପାରକୁ ଆପଣାଇଲେଣି ନିଶା ବେପାରୀ। କଲେଜ ପଢୁଆ ଛାତ୍ର, ଯୁବକ ଏହାକୁ ରୋଜଗାର ପନ୍ଥା ଭାବେ ଗ୍ରହଣ କରିନେଇଛନ୍ତି। କାରବାରରେ ବହୁ ମହିଳାଙ୍କ ସମ୍ପୃକ୍ତି ମଧ୍ୟ ରହୁଛି। ବିଶେଷତଃ ୨୦ରୁ ୨୫ବର୍ଷ ଯୁବକ ଏହି କାରବାରରେ ଲିପ୍ତ ରହୁଥିବା ପୁଲିସ ର ଗିରଫ ତଥ୍ୟ କହୁଛି। ଫଳରେ ଖୋର୍ଦ୍ଧା ସହରର ଦିନକୁ ଦିନ ଅଶାନ୍ତି ଆଡକୁ ଗତି କରୁଛି। ନିଶା କାରବାର କରୁଥିବା ଯୁବକ ଏବଂ ଏହାକୁ ଗ୍ରହଣ କରୁଥିବା ଯୁବକମାନେ ବିଭିନ୍ନ ଅସମାଜିକ କାର୍ଯ୍ୟରେ ମଧ୍ୟ ଲିପ୍ତ ରହୁଥିବା ଦେଖିବାକୁ ମିଳିଛି। ଏନେଇ ବୁଦ୍ଧିଜିବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସହରରୁ ଏହାକୁ ମୂଳୋତ୍ପାଟନ ଲାଗି ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ କହିବା କଥା ଖୋର୍ଦ୍ଧା ଅଞ୍ଚଳରୁ ଯଦିଓ ବ୍ରାଉନସୁଗର ଓ ଗଞ୍ଜେଇ କମିଛି ତଥାପି ବାହାରୁ ଆସୁଥିବା ଗ୍ୟାଙ୍ଗର ଗତିବିଧିକୁ ନଜର କରାଯାଉଛି। ଅଗାମୀ ଦିନରେ ଖୋର୍ଦ୍ଧା ବ୍ରାଉନସୁଗର ଓ ବେଆଇନ୍ ଗଞ୍ଜେଇ ଚାଲାଣ ମୁକ୍ତ କରିବା ଲାଗି ପୁଲିସ ପଣ କରିଛି। ବଛାବଛା ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ଏନେଇ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛନ୍ତି।

## ● ନିଦାବିଷ୍ଣୁ ସାଜିଛି ଖାଦ୍ୟ ନିରାପତ୍ତା ବିଭାଗ; ବିପଦରେ ଲୋକେ

# ବାଲୁଗାଁ-ବାଣପୁରରେ ବଢୁଛି ଅପମିଶ୍ରିତ ଓ ବାସିଖାଦ୍ୟ କାରବାର

**ବାଲୁଗାଁ, ୨୨।୩(ସମିସ):** ବାଲୁଗାଁ ବାଣପୁର ତଥା ସମଗ୍ର ଚିଲିକା ନିର୍ବାଚନମଣ୍ଡଳୀ ଅଞ୍ଚଳର ବିଭିନ୍ନ ହୋଟେଲମାନଙ୍କରେ ଅପମିଶ୍ରିତ ଓ ବାସିଖାଦ୍ୟ ବିକ୍ରି ନେଇ ବାରମ୍ବାର ଅଭିଯୋଗ ସହ ଏ ନେଇ ବିଭିନ୍ନ ଖବର କାଗଜରେ ଖବର ପ୍ରକାଶିତ ହୋଇଛି। ହେଲେ ନିଦାବିଷ୍ଣୁ ସାଜିଛି ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ। ଅଭିଯୋଗ ପରେ କିଛିମାସ ପୂର୍ବେ ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ତରଫରୁ ଭୁବନେଶ୍ୱର ସ୍ଥିତ ଖୋର୍ଦ୍ଧା ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ସତ୍ୟଜିତ ପଟେଲ ବିଭାଗୀୟ କର୍ମଚାରୀମାନଙ୍କ ସହାୟତାରେ ଲୋକ ଦେଖାଣିଆ ବାଣପୁର, ବାଲୁଗାଁ ଓ ବଡକୂଳ ଅଞ୍ଚଳର କେତେକ ହାତଗଣତି ହୋଟେଲ, ଢାବା ଓ ଫାଷ୍ଟଫୁଡ୍ ଦୋକାନ ଉପରେ ଚଢ଼ଉ କରିଥିଲେ। ବହୁ ଅପମିଶ୍ରିତ ଏବଂ ବିକ୍ରି ହେବାକୁ ଥିବା ବହୁ ପରିମାଣର ବାସି ଖାଦ୍ୟ ସାମଗ୍ରୀ ଜବତ କରିବା ସହ ଜରିମାନା ଆଦାୟ କରିଥିଲେ। ଏପରି ନିୟମିତ ଚଢ଼ଉ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହୋଟେଲ ମାଲିକମାନଙ୍କୁ ତାଗିଦ୍ ମଧ୍ୟ କରିଥିଲେ।

ହେଲେ ଚଢ଼ଉର କିଛିଦିନ ପରେ ପୁଣି ହୋଟେଲ, ଫାଷ୍ଟଫୁଡ୍ ଦୋକାନ ଓ ଢାବାରେ ବାସିଖାଦ୍ୟ ଗ୍ରାହକଙ୍କୁ ପରସା ଚାଲିଛି। ବାଲୁଗାଁ ବାଣପୁର ଏକ ପର୍ଯ୍ୟଟନସ୍ଥଳ ସହ ମତ୍ସ୍ୟ ବ୍ୟବସାୟ ପେଣ୍ଠସ୍ଥଳ ହୋଇଥିବାରୁ ଏଠାକୁ ଦୈନଦିନ ହଜାର ହଜାର ଲୋକ ଆସୁଛନ୍ତି। ବର୍ତ୍ତମାନ ବାଣପୁର ଓ ବାଲୁଗାଁ ଅଞ୍ଚଳରେ ଛତୁ ଫୁଟିଲା ପରି ଗଢ଼ି ଉଠିଥିବା ବିଭିନ୍ନ ହୋଟେଲ, ଢାବା ଓ ଫାଷ୍ଟଫୁଡ ଦୋକାନଙ୍କ ଉପରେ ଖାଦ୍ୟ ପାଇଁ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି ଲୋକେ। ତେବେ ଉକ୍ତ ହୋଟେଲ ଉପରେ ବିଭାଗ ପକ୍ଷରୁ ନିୟମିତ ଚଢ଼ଉ ହେଉନଥିବାରୁ ଏହାର ସୁଯୋଗ ନେଇ ସେମାନେ ଗ୍ରାହକଙ୍କୁ ବାସି ଓ ଅପମିଶ୍ରିତ ଖାଦ୍ୟ ପରସୁଛନ୍ତି। ଏହାକୁ ଖାଇ ଲୋକେ ଝାଡ଼ାବାନ୍ତି ସହ ପେଟରୋଗରେ ଆକ୍ରାନ୍ତ ହେଉଛନ୍ତି। ବହୁ ଦୋକାନୀଙ୍କର ଲାଇସେନ୍ସ ନଥିବା ଜଣାପଡ଼ିଛି। ଅନେକ ସମୟରେ ପର୍ଯ୍ୟଟକ ଓ ସ୍ଥାନୀୟ ଅଧିବାସୀ ନିମ୍ନମାନର ଖାଦ୍ୟ ନେଇ ଅଭିଯୋଗ କରୁଥିଲେ ବି ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ସବୁ ଜାଣି ଚୁପ୍ ବସି ରହୁଛନ୍ତି ଅଧିକାରୀ। ଯାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ତେବେ ନିୟମିତ ବ୍ୟବଧାନରେ ଅଞ୍ଚଳରେ ବିଭାଗ ପକ୍ଷରୁ ଚଢ଼ଉ କରାଯିବାକୁ ଜନସାଧାରଣ ଦାବି କରିଛନ୍ତି।

# ବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ



**ନିରାକାରପୁର, ୨୨।୩(ସମିସ):** ଖୋର୍ଦ୍ଧା ଜିଲ୍ଲା ଗୋଳାବାଇ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସାମୂହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ରଶ୍ମୀକାନ୍ତ କଳସଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର ବହୁ ମହିଳା ସ୍ୱେଚ୍ଛାସେବୀ ସାମିଲ ହୋଇ ସଫେଇ କରିଥିଲେ। ଶିକ୍ଷାନୁଷ୍ଠାନର ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ ମହିଳାମାନଙ୍କ ଏହି ଉଦ୍ୟମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ସଫେଇ କାର୍ଯ୍ୟ ଶେଷରେ ସମସ୍ତ ସ୍ୱେଚ୍ଛାସେବୀ ଆଗାମୀ ଦିନରେ ବିଦ୍ୟାଳୟର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ସହ ଶିକ୍ଷାର୍ଥୀଙ୍କ ପାଇଁ ଏକ ସୁସ୍ଥ ପରିବେଶ ଗଠନ ଦିଗରେ ଯତ୍ନବାନ ହେବେ ବୋଲି ପ୍ରତିଜ୍ଞା କରିଥିଲେ।

# ନୂଆଗଡ଼ରେ ବିଶାଳ ସ୍ୱାସ୍ଥ୍ୟ ଶିବିର



**ଟାଙ୍ଗୀ/ନିରାକାରପୁର, ୨୨।୩(ସମିସ):** ଟାଙ୍ଗୀ ବ୍ଲକ ନୂଆଗଡ଼ ଗ୍ରାମପଞ୍ଚାୟତରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆଗଡ଼ ସ୍ୱୟଂ ସେବକ ସଂଘ ଏବଂ ଅନ୍ନପୂର୍ଣ୍ଣା ଫାଇନାନ୍ସର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ନୂଆଗଡ଼ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ନପୂର୍ଣ୍ଣା ଫାଇନାନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ସମାଜସେବୀ ଡ. ସଞ୍ଜୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡ. ପଟ୍ଟନାୟକ କହିଥିଲେ, ସୁସ୍ଥ ଶରୀର ପାଇଁ ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଦୈନିକ ଏକ ଘଣ୍ଟା ବ୍ୟାୟାମ କରିବା ଉଚିତ।

ଶିବିରରେ ଅଭିଜ୍ଞ ଭେଷଜ ବିଶେଷଜ୍ଞ ଡାକ୍ତର ଗଣପତି ପ୍ରଧାନ, ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର କବିତା ଛନନିଆ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ହିମାଂଶୁ ଭୂଷଣ ବେହେରା, ଚର୍ମରୋଗ ବିଶେଷଜ୍ଞ ଡାକ୍ତର ତପନ କୁମାର ସେଠୀ, ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପ୍ରତ୍ୟୁଷ ପାତ୍ର ପ୍ରମୁଖ ଉପସ୍ଥିତ ରହି ନୂଆଗଡ଼ ସମେତ ଆଖପାଖ ପାଞ୍ଚଟି ପଞ୍ଚାୟତରୁ ୫୦୦ରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କୁ ମାଗଣାରେ ଉନ୍ନତ ମାନର ଔଷଧଯୋଗାଇଦିଆଯିବାସହରକ୍ତନମୂନା ପରୀକ୍ଷା ସୁବିଧା କରାଯାଇଥିଲା। ସମ୍ମାନିତ ଅତିଥି ଓ ସହଯୋଗ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୂଆଗଡ଼ ସରପଞ୍ଚ ରଘୁନାଥ ମାଝୀ, ସମିତିସଭ୍ୟା ଗୀତାଞ୍ଜଳି ପାଟ୍ଟଶାଣୀ, ପୂର୍ବତନ ସରପଞ୍ଚ ଗିରିଶ ଚନ୍ଦ୍ର ମହାରଣା, ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ଦେଇ, ସହକାରୀ ଶିକ୍ଷୟିତ୍ରୀ ସବିତା ରାଣୀ ସାହୁ ଏବଂ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ନୂଆଗଡ଼ ସ୍ୱୟଂ ସେବକ ସଂଘର ସଭାପତି ଶ୍ରୀ ମନୋରଞ୍ଜନ ମୁଦୁଲି, ସମ୍ପାଦକ ସମୀର ଜେନା, ଉପଦେଷ୍ଟା ପ୍ରଣବ କିଶୋର ମହାନ୍ତି, ରବୀନ୍ଦ୍ର କୁମାର ମାର୍ଥା, ଭାଗିରଥୀ ପାଇକରାୟ, ତରଣୀ ସେନ ଦଳାଇ ଏବଂ ସଂଘର ୫୦ରୁ ଅଧିକ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ବେଗୁନିଆ, ୨୨।୩(ସମିସ):** ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଦିନିଆରୀ (ନୀଳକଣ୍ଠ ପୁର) ଗ୍ରାମର ଆରାଧ୍ୟ ଦେବତା ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଚାରି ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଯଜ୍ଞାଚାର୍ଯ୍ୟ ପୀତବାସ ମିଶ୍ରଙ୍କ ତତ୍ତ୍ୱାବଧାନରେ ମାୟାଧର ପଣ୍ଡା ଓ ପତ୍ନୀ ସଞ୍ଜୁକ୍ତା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରବିବାର ଅପରାହ୍ନରେ ଭକ୍ତିଭାବମୟ ପରିବେଶ ମଧ୍ୟରେ ପୂର୍ଣ୍ଣାହୁତି ପ୍ରଦାନ ବେଳେ ଯଜ୍ଞ ନାରାୟଣଙ୍କୁ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏପରିକି ପ୍ରତ୍ୟହ ସନ୍ଧ୍ୟାରେ ଲୋକକଳା ପାଲା ବାଗ୍ମୀବାଣୀ ଗାୟିକା ଉର୍ମିଳା ସାହୁ, ଗାୟିକା ଟିକିନା ତ୍ରିପାଠୀ ଓ କାଳୀୟଦଳନ ଆଦି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ପଣ୍ଡିତ ରାମଚନ୍ଦ୍ର ରଥଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ

# 'ରାମଚନ୍ଦ୍ର ରଚନାବଳି' ଲୋକାର୍ପିତ

ଖୋର୍ଦ୍ଧା, ୨୨।୩(ସମିସ)



ସ୍ଥାନୀୟ ବିଡିଏ କଲୋନୀ ଗାୟତ୍ରୀ ମନ୍ଦିର ପରିସରରେ କବି ରାମଚନ୍ଦ୍ର ରଥ ସ୍ମୃତି ପରିଷଦ ପକ୍ଷରୁ ପଣ୍ଡିତ ରାମଚନ୍ଦ୍ର ରଥଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ଶରଚ୍ଚନ୍ଦ୍ର ମହାପାତ୍ର, ସୁଲେଖକ ମନୋରଞ୍ଜନ ଦାସ, ଆଧ୍ୟାତ୍ମିକ ପ୍ରବକ୍ତା ସୁରେଶ ଚନ୍ଦ୍ର ରଥ, କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ପଣ୍ଡିତ କେଳୁଚରଣ ମହାରଣା, ଶିକ୍ଷାବିତ୍ ରତ୍ନାକର ବେହେରା, ଶିକ୍ଷାବିତ୍ ଜଗନ୍ନାଥ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାମଚନ୍ଦ୍ର ରଥଙ୍କ ବହୁମୁଖୀ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ କବି, କର୍ମକାଣ୍ଡନିପୁଣ ପଣ୍ଡିତ ସ୍ୱର୍ଗତ ରାମଚନ୍ଦ୍ର ରଥଙ୍କ କବିତା ସମୂହକୁ ନେଇ 'ରାମଚନ୍ଦ୍ର ରଚନାବଳି' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ରାମଚନ୍ଦ୍ର ରଚନାବଳୀ ସମ୍ପାଦନା କରିଥିବା ସାହିତ୍ୟିକ ରମାକାନ୍ତ ବେହେରା ପୁସ୍ତକର ସମୀକ୍ଷା କରି କହିଥିଲେ ଯେ, ଏହା ବିଭିନ୍ନ ଦେବାଦେବୀ, ସାମାଜିକ ବିଚାର, ଜୀବନଦର୍ଶନ ଉପରେ ଆଧାରିତ। ଝରାଶ୍ରାବଣ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ୧୫୨ ପୃଷ୍ଠା ବିଶିଷ୍ଟ ଏହି ବହିରେ ୭୦ଟି କବିତା ସନ୍ନିବେଶିତ ଯାହାକି ପାଠକଙ୍କ ମନକୁ ଛୁଇଁବ। କବି ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠ ଉତ୍ସବରେ କବି ବିଳାସିନୀ ଦାଶ, ଶାନ୍ତିଲତା ଦେବୀ, ଡ. ଚପଳା ପଣ୍ଡା, ଡ. ବୃନ୍ଦାବନ ପଣ୍ଡା, ରାଜକିଶୋର ବଳିଆରସିଂହ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ ସାମନ୍ତରାୟ, ପ୍ରଶାନ୍ତ କୁମାର ସାମନ୍ତରାୟ, ସମରେନ୍ଦ୍ର ବଳିଆରସିଂହ, ପ୍ରିୟରଞ୍ଜନ ପଟ୍ଟନାୟକ, ଦେବାଶିଷ ବେହେରା, ବିଦ୍ୟାଧର ଲେଙ୍କା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଥି ସହ ସାହିତ୍ୟିକ ମନୋରଞ୍ଜନ ଦାସଙ୍କ ରଚିତ ଆତ୍ମପ୍ରୀତିର ପ୍ରବାହ, ପଣ୍ଡିତ କେଳୁଚରଣ ମହାରଣାଙ୍କ ନୀଳାଦ୍ରିଶ ଚୌପଦୀ ଶତକ, କୃତୀ ସନ୍ତାନଙ୍କ ସ୍ମୃତି ସ୍ତବକ, ସରଳ ସଂସ୍କୃତ ବ୍ୟାକରଣ ଗୀତିକା ଆଦି ଶ୍ରୋତାମଣ୍ଡଳୀଙ୍କୁ ପ୍ରଦାନ କରାଯାଇଥିଲା। କବି ରାମଚନ୍ଦ୍ର ରଥ ସ୍ମୃତି ପରିଷଦର ସଭାପତି ଇଂ. ସରୋଜ କୁମାର ରଥ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପୁସ୍ତକର ସମ୍ପାଦକ ରମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଉଳଟାଙ୍ଗି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# କାଇପଦର ଚାମ୍ପିଅନ୍

**ଖୋର୍ଦ୍ଧା, ୨୨।୩(ସମିସ):** ଦେଉଳଟାଙ୍ଗି ମା' ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। କାଇପଦର ଓ ଦେଉଳଟାଙ୍ଗି ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କାଇପଦର ଦଳ ବ୍ୟାଟିଂ କରି ୧୮.୨ ଓଭର ଖେଳି ସମସ୍ତ ୱିକେଟ୍ ବିନିମୟରେ ୧୬୮ ରନ୍ କରିଥିଲା। ଜବାବରେ ଦେଉଳଟାଙ୍ଗି ୧୮.୨ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୨୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ କାଇପଦର ୪୫ ରନ୍‌ରେ ଜିତି ଚାମ୍ପିଅନ୍ ହୋଇଛି।





ଦଳ ତରଫରୁ କୁଲଦୀପ ପାଇକରାୟ ୩୮ ବଲରୁ ୮୯ ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଝଜ ସାମନ୍ତରାୟ ଓ ତିରୁପତି ସାମନ୍ତରାୟ ପରିଚାଳନା କରିଥିବାବେଳେ ସ୍କୋରବୋର୍ଡ ଦାୟିତ୍ୱରେ ସନ୍ତୋଷ କୁମାର ସାହୁ ଓ ଭାଷ୍ୟକାର ଜିତେନ୍ଦ୍ର ପ୍ରଧାନ ଥିଲେ। ଅତିଥି ଭାବେ ଆଇନଜୀବୀ ଅଜିତ କୁମାର ପଟ୍ଟନାୟକ, ଯୋଗୀନାଥ ସେନାପତି, ପୂର୍ବତନ ୱାର୍ଡମେମ୍ବର ସତ୍ୟବାଦୀ ସ୍ୱାଇଁ, ରଘୁନାଥ ମିଶ୍ର, ଶ୍ୟାମସୁନ୍ଦର ଜେନା, ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ, ସମାଜସେବୀ ମଦନମୋହନ ସ୍ୱାଇଁ, ବିପିନ କୁମାର ମହାପାତ୍ର, ରାମଲୀଳା ଗୁରୁ ମନୋଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

